# ପଥର ବ୍ଲାଷ୍ଟିଂକୁ ନେଇ ଗ୍ରାମବାସୀ ଓ ଲିଜ୍‌ଧାରୀ ମୁହାଁମୁହିଁ



ପୋଲସରା,୧୮ ।୧(ସମିସ): ପୋଲସରା ତହସିଲ ସୋଡ଼କ ପଞ୍ଚାୟତ ଅନ୍ତର୍ଗତ ବନମାଳୀ ପାହାଡ଼ରେ ପଥର ବ୍ଲାଷ୍ଟିଂକୁ ନେଇ ଗ୍ରାମବାସୀ-ଲିଜ୍‌ଧାରୀ ମୁହାଁମୁହିଁ ହୋଇଛନ୍ତି ।

ସୋଡ଼କ ଗ୍ରାମବାସୀ ବ୍ଲାଷ୍ଟିଂକୁ ବନ୍ଦ କରିବା ସହ ଲିଜ୍‌ଧାରୀଙ୍କ ବିରୋଧରେ ପୋଲସରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଗ୍ରାମ ନିକଟରେ ଥିବା ବନମାଳୀ ପାହାଡ଼କୁ ଦୀର୍ଘବର୍ଷ ହେବ ବୁଗୁଡ଼ା ଥାନା ଅନ୍ତର୍ଗତ କେ. ନୀଳମାଧବ ଆଚାରୀ ଲିଜ୍ ସୂତ୍ରରେ ନେଇ ପଥର ବ୍ଲାଷ୍ଟିଂ କରୁଥିଲେ । କିନ୍ତୁ ପରିବେଶ ପ୍ରତି ବିପଦ ଓ ନିରୀହ ହରିଣ, ମୟୂର ଓ ଅନ୍ୟାନ୍ୟ ବନ୍ୟ ପଶୁପକ୍ଷୀଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଥିଲା । ଫଳରେ ଅବଧି ଥାଇ ମଧ୍ୟ ଲିଜ୍‌ଧାରୀ ବାଧ୍ୟ ହୋଇ ବ୍ଲାଷ୍ଟିଂ ବନ୍ଦ କରିଥିଲେ । ପରେ ନୀଳମାଧବ ଅସ୍ଥାୟୀ ଭାବେ ବ୍ଲାଷ୍ଟିଂ ପାଇଁ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଠାରୁ ପୁନଃ ଅନୁମତି ପାଇଥିଲେ । ତେଣୁ ବ୍ଲାଷ୍ଟିଂ ପାଇଁ ଶନିବାର କିଛିବ୍ୟକ୍ତି ବିସ୍ଫୋରକ ଧରି ପହଞ୍ଚିଥିଲେ । କିନ୍ତୁ ଏହି ଖବର ପାଇବା ପରେ ଗ୍ରାମବାସୀ ବ୍ଲାଷ୍ଟିଂ ପାଇଁ ଆସିଥିବା ୬ ଜଣଙ୍କୁ ଅଟକ ରଖିବା ସହ ବିସ୍ଫୋରକ ଜବତ କରି ପୁଲିସକୁ ହସ୍ତାନ୍ତର କରିଥିଲେ । ତେବେ କଥା ଏତିକିରେ ସରିନଥିଲା । ପୁଲିସ ସେମାନଙ୍କୁ ଛାଡ଼ି ଦେଇଥିଲା । କେଉଁ କାରଣରୁ ପୁଲିସକୁ ଜିମା ଦେଇଥିବା ବିସ୍ଫୋରକ ଓ ଲୋକଙ୍କୁ ଛଡ଼ାଗଲା ବୋଲି ଗାଁର ଶଙ୍କର ସାହୁ, ନିକୁଞ୍ଜ ସାହୁ, ମନୋଜ ପାତ୍ର, ଗୌର ବିଶ୍ୱାଳ, ଲକ୍ଷ୍ମୀ ସାହୁଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଥାନାରେ ପ୍ରତିବାଦ କରିଥିଲେ ।

ଅନ୍ୟପଟେ ଲିଜ୍‌ଧାରୀ କେ. ନୀଳମାଧବ ଅଚାରୀଙ୍କ କହିବା ହେଲା କୌଣସି ବେଆଇନ କାମ ହୋଇନି । ନିୟମାନୁଯାୟୀ ଗ୍ରାମ ଠାରୁ ୨ କିଲୋମିଟର ଦୂରରେ ପାହାଡ଼ ଥିବା ବେଳେ ଜାଣିଶୁଣି ଉଦ୍ଦେଶ୍ୟମୂଳକ ଭାବେ ଗ୍ରାମର କିଛି ଲୋକ ବ୍ୟବସାୟ କାମରେ ବାଧା ସୃଷ୍ଟି କରୁଛନ୍ତି । ଫଳରେ ତାଙ୍କୁ ଲକ୍ଷାଧିକ ଟଙ୍କା କ୍ଷତି ସହିବାକୁ ପଡୁଛି । ସେହିପରି ନିଜ କ୍ରସର ନିକଟରେ ଥିବା ମେସିନ ଓ ଗାଡିକୁ ପୋଡ଼ିଦେବାକୁ ଧମକ ଚମକ ଦେଉଥିବା ନେଇ ପୋଲସରା ଥାନାରେ ସେ ପାଲଟା ଅଭିଯୋଗ କରିଛନ୍ତି । ଏନେଇ ଥାନାଧିକାରୀ କୌଶିକ ମାଝୀଙ୍କ ସହ ଯୋଗାଯୋଗ ବେଳେ ଉଭୟଙ୍କ ଏତଲା ଗ୍ରହଣ କରାଯାଇଛି । ଘଟଣାର ତଦନ୍ତ କରାଯିବ ଓ ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ଦେଇଛନ୍ତି ।

# ୩ ଜଣଙ୍କୁ ଆକ୍ରମଣ ଘଟଣା; ବିହାରୀ ଯୁବକ ଗିରଫ

ଖଲ୍ଲିକୋଟ,୧୮ ।୧(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ଭେଜିପୁଟ ଗ୍ରାମରେ ଶନିବାର ଜଣେ ବିହାରୀ ଯୁବକ ୩ ଜଣଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ । ଏହି ଘଟଣାରେ ପୁଲିସ ଏକ ମାମଲା (ନଂ.୩୫/୨୬) ରୁଜୁ କରି ଅଭିଯୁକ୍ତ ବିହାରୀ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଥିବା ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର କହିଛନ୍ତି । ଯୁବକ ଜଣକ ହେଲେ ବିହାର ରାଜ୍ୟ ଭାଗଲପୁର ଜିଲ୍ଲା ଝଣ୍ଡାପୁର ଥାନା ଆୟୁଲିଆପୁର ଗ୍ରାମର ଆର୍ଯ୍ୟନ କୁମାର (୩୦) । ତେବେ ଯୁବକ ଜଣକ କୌଣସି ମାନସିକ ବିକୃତ ନଥିବା ପୁଲିସ କହିଥିଲେ ମଧ୍ୟ ସେ ଏପରି ଆକ୍ରମଣ କାହିଁକି କଲା କାରଣ ଜଣାପଡ଼ିନାହିଁ । ଅପରପକ୍ଷେ ଆକ୍ରମଣରେ ଗୁରୁତର ସୁବଳ ସାହୁଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ଖଲ୍ଲିକୋଟ ମେଡିକାଲରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।

**ଆକ୍ରମଣରେ ଗୁରୁତରଙ୍କ ଅବସ୍ଥା ସଂକଟାପନ୍ନ**

ଶନିବାର ସକାଳୁ ଭେଜିପୁଟ ଗ୍ରାମରେ ବିହାରୀ ଯୁବକ ଆତଙ୍କ ଖେଳାଇଥିଲା । ରାସ୍ତାରେ ଯାହାକୁ ଦେଖିଲା ଗୋଡ଼େଇ ଗୋଡ଼େଇ ଠେଙ୍ଗାରେ ପିଟିଥିଲା । ରାସ୍ତାରେ ଯାଉଥିବା ଜଣେ କଲେଜ ଛାତ୍ରୀ ଓ ଅନ୍ୟ ଜଣେ ସ୍ଥାନୀୟ ଯୁବକ ଆକ୍ରମଣରେ ସାମାନ୍ୟ ଆହତ ହୋଇଥିବା ବେଳେ ଘର ଆଗରେ ଛିଡ଼ା ହୋଇଥିବା ସୁବଳ ସାହୁ (୬୨)ଙ୍କ ମୁଣ୍ଡକୁ ଠେଙ୍ଗାରେ ପିଟି ଫଟାଇ ଦେଇଥିଲେ । ତାଙ୍କ ମୁଣ୍ଡରେ ୮ଟି ଷ୍ଟିଚ୍ ପଡ଼ିଛି । ସ୍ଥାନୀୟ ଲୋକ ଯୁବକଙ୍କୁ କାବୁ କରିବାକୁ ଚେଷ୍ଟା କରିବାରୁ ସେ ପୋଖରୀକୁ ଡେଇଁପଡ଼ିଥିଲେ । ପୋଖରୀ ଭିତରକୁ ଯିଏ ଧରିବାକୁ ଗଲା ତାକୁ ଛୁରୀରେ ଆକ୍ରମଣ କରିଥିଲେ । ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ପୁଲିସ ଟିମ ସହ ପହଞ୍ଚି ଥିଲେ ଏବଂ ଦମକଳ ବାହିନୀ ସହାୟତାରେ ତାକୁ କାବୁ କରିଥିଲେ ।

# ଡାକଘର ଉଚ୍ଛେଦ ପ୍ରତିବାଦରେ ବୈଠକ



ରମ୍ଭା,୧୮ ।୧(ସମିସ): ମିଞ୍ଚିନିପାଟଣା ରମ୍ଭା ଡାକ ଘର ଉଚ୍ଛେଦ ପ୍ରତିବାଦରେ ବୁଦ୍ଧିଜୀବୀଙ୍କ ଜରୁରୀକାଳୀନ ବୈଠକ ସଭାପତି ତାରିଣୀ ଚରଣ ପାତ୍ରଙ୍କ (ପ୍ରାକ୍ତନ ସେନା ଅଧିକାରୀ) ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ମୁଖ୍ୟ ଡାକଘର ଅଫିସରୁ ଉଚ୍ଛେଦ ଚିଠି ଆସିଥିବାରୁ ପୁନର୍ବାର ମିଞ୍ଚିନି ପାଟଣା ବୁଦ୍ଧିଜୀବୀ ଉନ୍ନୟନ କମିଟି ପ୍ରତିବାଦ କରିଥିଲେ । ଦରକାର ପଡିଲେ ଆଇନ ହାତକୁ ନେବାକୁ ସ୍ଥିର ହୋଇଥିଲା । ଏଥିରେ ସମାଜସେବୀ ତଥା ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ଶ୍ରମିକ ନେତା ଭାସ୍କର ପାତ୍ର, କାର୍ଯ୍ୟକାରୀ ସଭାପତି ଇନ୍ଦ୍ର ଜେନା, ଲକ୍ଷ୍ମଣ ପାତ୍ର, ରବୀନ୍ଦ୍ର ଗୌଡ଼, ରାଜକିଶୋର ପଟ୍ଟନାୟକ, ରାମା ରାଓ, କ୍ରିଷ୍ଣା ପାତ୍ର, ଗୋବିନ୍ଦ ପାତ୍ର, ପଙ୍କଜ ନାଥ ଓ ଅନ୍ୟାନ୍ୟ ମହିଳାମାନେ ଉପସ୍ଥିତ ରହିଥିଲେ ।

# ମାଙ୍କଡ଼ ଡେଇଁବାରୁ ଓଲଟିଲା ଅଟୋ; ଚାଳକ ମୃତ

ଧରାକୋଟ,୧୮ ।୧(ସମିସ): ଧରାକୋଟ ଥାନା ତାଳପାଟଣା ନିକଟରେ ଚଳନ୍ତା ଅଟୋ ଆଗକୁ ମାଙ୍କଡ ଡେଇଁବାରୁ ଅଟୋଟି ଓଲଟି ପଡ଼ିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସୋରଡ଼ାର ରତ୍ନୁ କାର୍ଜି(୨୦) । ସୂଚନା ଅନୁସାରେ ରତ୍ନୁ ଚେନ୍ନାଇରୁ ଆସୁଥିବା ନିଜ ଭାଇ-ଭାଉଜଙ୍କୁ ଅଟୋରେ ଧରି କାଳକଷଣ୍ଟପୁର ଠାରୁ ସୋରଡ଼ା ଯିବାବେଳେ ତାଳପାଟଣାରେ ଚଳନ୍ତା ଅଟୋ ଆଗକୁ ମାଙ୍କଡ ଡେଇଁଥିଲା । ଫଳରେ ସେ ଭାରସାମ୍ୟ ହରାଇବାରୁ ଅଟୋଟି ଓଲଟି ପଡ଼ିଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

# କାୟାକଳ୍ପ ଟିମ୍‌ର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



ପୋଲସରା,୧୮ ।୧(ସମିସ): କାୟାକଳ୍ପ ଟିମ୍ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି । ଏହି ଅବସରରେ କାୟାକଳ୍ପ ଟିମ୍‌ରେ ସାମିଲ ହୋଇଥିବା ସଦସ୍ୟମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଲେବର ରୁମ୍, ସମସ୍ତ ୱାର୍ଡ, ଅସ୍ତ୍ରୋପଚାର ଗୃହ, ଲାବରୋଟୋରି, ନିରାମୟ କୋଠରୀ, ବାହ୍ୟ ଚିକିତ୍ସାଳୟ, ବାଓ ମେଡିକାଲ ୱେଷ୍ଟ ରୁମ ଏବଂ ଚିକିତ୍ସାଳୟର ପରିମଳ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ । କାୟାକଳ୍ପ ଟିମ୍‌ରେ ଡା. ଶୁଭାଶିଷ ମହାନ୍ତି, ଡା. ବିଶ୍ୱ କଲ୍ୟାଣ ମିଶ୍ର, ଡା. ହୃଷୀକେଶ ସାହୁ ଏବଂ ଡା. ଦିଲୀପ କୁମାର ପଣ୍ଡା ପ୍ରମୁଖ ଆସିଥିଲେ । ଏହି ପରିଦର୍ଶନ ସମୟରେ ଡା. ସ୍ୱାଗତ ବେହେରା , ଡା. ଅଜୟ ଦାସ, ଡା. ନାରାୟଣ ସ୍ୱାଇଁ, ଡା ଟି ଶତପଥୀ, ଡା. ପାଢ଼ୀ, ବିପିଏଲ୍ ସୁନିଲ ସାବତ, ବିଏଏମ ମନୋରଞ୍ଜନ ମହାପାତ୍ର ଓ ବିଡିଏମ ବସନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଆକ୍ରମଣ

ରଙ୍ଗେଇଲୁଣ୍ଡା,୧୮ ।୧(ସମିସ): ଗୋଳନ୍ଥରା ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ଆକ୍ରମଣ ହୋଇଥିବା ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି । ଆହତ ଯୁବକ ଜଣକ ହେଲେ ବାଘଲଟି ଗ୍ରାମର ଭାବଗ୍ରାହୀ ଗୌଡ଼ । ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ବାଘଲଟି ଗ୍ରାମର ଭାବଗ୍ରାହୀ ରବିବାର ସକାଳେ କନିଷି ହାଟ ତୁଲୁ ରୋଡ଼କୁ ପାଇପ କାମ କରିବାକୁ ଯାଉଥିବା ବେଳେ ଗ୍ରାମ ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୪ରୁ ଉର୍ଦ୍ଧ୍ୱ ଯୁବକ ଭାବଗ୍ରାହୀଙ୍କୁ ଅଟକାଇ କାତିରେ ସଂଘବଦ୍ଧ ଆକ୍ରମଣ କରିଥିଲେ । ଫଳରେ ସେ ଗୁରୁତର ହୋଇଥିଲେ । ପରିବାର ଲୋକ ଓ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଗିରିସୋଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଏନେଇ ତାଙ୍କ ବାପା ସନାତନ ଗୌଡ଼ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରିଥିବା ବେଳେ ଆକ୍ରମଣକାରୀ ଯୁବକମାନେ ଫେରାର ହୋଇଯାଇଥିବା ଜଣାପଡ଼ିଛି ।

# ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ

ରଙ୍ଗେଇଲୁଣ୍ଡା,୧୮ ।୧(ସମିସ): ଗୋଳନ୍ଥରା ଥାନା ଅଧିନସ୍ଥ ଏକ ଗ୍ରାମରେ ଜଣେ ବିଧବାଙ୍କୁ ଅବସରପ୍ରାପ୍ତ ସେନା କର୍ମଚାରୀ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଛି । ବିଧବା ଜଣକ ଘରେ ଏକୁଟିଆ ରହୁଥିଲେ । ସେହି ଗ୍ରାମ ଅବସରପ୍ରାପ୍ତ ସେନା କର୍ମଚାରୀ ଗତ ଦୁଇ ମାସ ହେଲା ବିଧବା ମହିଳାଙ୍କୁ ପିଛା କରି ବିଭିନ୍ନ ସମୟ ଟଣାଓଟରା କରି ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲେ । ଚଳିତ ମାସ ୮ ତାରିଖ ସକାଳେ ମହିଳା ଜଣକ ଗ୍ରାମ ନିକଟସ୍ଥ କିଆ ବାଡ଼କୁ ଯାଇଥିଲେ । ସେଠାରେ କିଆଫୁଲ ତୋଳିବା ବେଳେ ଅବସରପ୍ରାପ୍ତ ସେନା କର୍ମଚାରୀ ପହଞ୍ଚି ଟଣାଓଟଣା କରି ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ । ମହିଳା ଜଣଙ୍କୁ ଏ ସମ୍ପର୍କରେ କାହାକୁ ନ ଜଣାଇବାକୁ ଧମକ ଦେଇଥିଲେ । ଲୋକ ଲଜ୍ଜା ଭୟରେ ମହିଳା ଜଣକ କାହାରିକୁ କହି ନଥିଲେ । ପୁଣି ଗତ ୧୬ ତାରିଖ ରାତିରେ ମହିଳାଙ୍କ ଘରେ ପଶି ଆଉଥରେ ଦୁଷ୍କର୍ମ ଉଦ୍ୟମ କରିଥିଲା । ଏନେଇ ମହିଳା ଜଣକ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

# ଆସିକା ଓ ବୁଗୁଡ଼ା ବନାଞ୍ଚଳରେ ପକ୍ଷୀ ଗଣନା





ଆସିକା,୧୮ ।୧(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ଆରମ୍ଭ ହୋଇଛି ପକ୍ଷୀ ଗଣନା । ଆସିକା ରେଞ୍ଜର ୪ଟି ସେକ୍ସନରେ ୧୨ଟି ଟିମ ଗଠନ କରାଯାଇ ଏହି ଗଣନା ଜାରି ରହିଛି । ଏଥିରେ ପ୍ରାୟ ୫୦ ଜଣ କର୍ମଚାରୀ ସାମିଲ ହୋଇଛନ୍ତି । ଆସିକା ଅଧୀନରେ ଥିବା ଶେରଗଡ଼, ଧରାକୋଟ ସମେତ ବହୁ ସ୍ଥାନରେ ସକାଳୁ ସକାଳୁ ଗଣନା ଚାଲିଛି । ବିଶେଷ କରି ଏହି ଗଣନା କାର୍ଯ୍ୟରେ ରେଞ୍ଜର ପ୍ରମୋଦ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଫରେଷ୍ଟ ଓ ଫରେଷ୍ଟ ଗାର୍ଡ, ୱାଚର ମାନେ ସାମିଲ ହୋଇଛନ୍ତି । ଅଞ୍ଚଳରେ ଥିବା ବିଭିନ୍ନ ହ୍ରଦ, ପୋଖରୀ, ନଦୀ ପଠାରେ ଏହି ଗଣନା କାର୍ଯ୍ୟ ଚାଲିଥିଲା । ବିଭିନ୍ନ ପ୍ରଜାତିର ପକ୍ଷୀ ଗଣିବାର ବ୍ୟବସ୍ଥା ଥିବା ବେଳେ ଚଳିତ ବର୍ଷ କେତେ ପକ୍ଷୀ ବୃଦ୍ଧି ପାଇଛି ତାହା ଜଣାପଡିବ । ଫରେଷ୍ଟର ଶରତ କୁମାର ବେହେରା, ଫରେଷ୍ଟଗାର୍ଡ ସ୍ମୃତି ରେଖା ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

**ବୁଗୁଡା:** ସ୍ଥାନୀୟ ବନ ବିଭାଗ ପକ୍ଷରୁ ବୁଗୁଡା ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଜଳାଶୟ ତଥା ଆର୍ଦ୍ରଭୂମି ସ୍ଥାନରେ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଗଣନା କାର୍ଯ୍ୟକ୍ରମ ନିମନ୍ତେ ୧୨ଟି ଦଳ ଗଠିତ ହୋଇଥିଲା ବେଳେ ପ୍ରତ୍ୟେକ ଦଳରେ ୪ଜଣ ଲେଖାଏଁ ରହିଥିଲେ । ଏହି ୧୨ଟି ଦଳ ବୁଗୁଡା ବନାଞ୍ଚଳ ଅନ୍ତର୍ଗତ ବାଘୁଆ ଜଳଭଣ୍ଡାର, ଚିଲିଖିମା, ବାଲିପଦର, ଛାମୁଣ୍ଡା, ମାଣିତରା, ଜିଲିବା, ଇନ୍ଦ୍ରଗଡ଼ ଆଦି ଗ୍ରାମାଞ୍ଚଳର ଆର୍ଦ୍ରଭୂମି ସ୍ଥାନମାନଙ୍କରେ ପକ୍ଷୀ ଗଣନା କରିଥିଲେ । ବନପାଳ, ବନରକ୍ଷୀ ଓ ସ୍କ୍ୱାଡ କର୍ମଚାରୀଙ୍କୁ ନେଇ ଗଠିତ ପକ୍ଷୀ ଗଣନାକାରୀ ଦଳଗୁଡିକ ଗଣନା କାର୍ଯ୍ୟ ଚାଲିଥିଲା ବେଳେ ଦେଶୀୟ ପକ୍ଷୀ ସାଙ୍ଗକୁ ବିଦେଶୀ ପକ୍ଷୀ ମଧ୍ୟ ଦେଖିବାକୁ ମିଳିଥିଲା । ତେବେ ଗତ ବର୍ଷ ତୁଳନାରେ ଏ ବର୍ଷ ପକ୍ଷୀ ସଂଖ୍ୟାରେ ବୃଦ୍ଧି ଘଟିଥିବା ନେଇ ବନ ବିଭାଗ ପକ୍ଷରୁ ପ୍ରକାଶ ପାଇଛି ।

# କୁକୁଡ଼ାଖଣ୍ଡି ବ୍ଲକ୍ କଂଗ୍ରେସ ପକ୍ଷରୁ ବନ୍ଧୁମିଳନ



କୁକୁଡ଼ାଖଣ୍ଡି,୧୮ ।୧(ସମିସ): ଆଗାମୀ ପଞ୍ଚାୟତ ନିର୍ବାଚନକୁ ନଜରରେ ରଖି କୁକୁଡ଼ାଖଣ୍ଡି ବ୍ଲକ୍ କଂଗ୍ରେସ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ପି. ଶିବ ପ୍ରସାଦ ଦୋରାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଦିଗପହଣ୍ଡି ଏନ୍‌ଏସି ଚେୟାରମ୍ୟାନ ପ୍ରଫୁଲ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କଂଗ୍ରେସ ସଂଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ସହ ସାଧାରଣ ଲୋକଙ୍କ ସହ ସମ୍ପର୍କ ଆହୁରି ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ । ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଦଳ ଗ୍ରାମସ୍ତରରୁ ପ୍ରସ୍ତୁତି ଆରମ୍ଭ କରିଥିବା ନେଇ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ଦିଗପହଣ୍ଡି ଏନଏସି କଂଗ୍ରେସ ସଭାପତି ଦୀପକ ମିଶ୍ର, କାଉନସେଲର ସୁନିଲ ପଣ୍ଡା, କୁକୁଡ଼ାଖଣ୍ଡି ପୂର୍ବତନ ସରପଞ୍ଚ ଅଦଳ ଉଷାରାଣୀ, କସ୍ତୁରୀ ସେଠି, ବାଉଲଝୋଲି ପୂର୍ବତନ ସରପଞ୍ଚ ଅରୁଣ ଭୂୟାଁ, ପିଙ୍କି ଦାସ, ଅନନ୍ତେଇ ପୂର୍ବତନ ସରପଞ୍ଚ ମନୋଜ ସେଠି, ମାସିଆଁଖଲି ପୂର୍ବତନ ସରପଞ୍ଚ, ବସନ୍ତ ଜେନା (ରହିଗାଁ), ସମିତିସଭ୍ୟ ଶିହଳା ହେମନ୍ତ ସାହୁ, ତ୍ରିନାଥ ଲେଙ୍କା, ଚନ୍ଦ୍ରଶେଖର ମାଲିକଙ୍କ ସହ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ସୃଜନ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର




ଛତ୍ରପୁର,୧୮ ।୧(ସମିସ): ଛତ୍ରପୁର ସୃଜନ ସାହିତ୍ୟ ସଂସ୍କୃତି ସଂସଦ ତରଫରୁ କବି ଡ଼ଃ.ପ୍ରଶାନ୍ତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ୨୦୨୬ ବର୍ଷର ପ୍ରଥମ ସାହିତ୍ୟ ଆଲୋଚନାଚକ୍ର ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସଭାପତି ଡ଼ଃ. ପ୍ରଶାନ୍ତ କୁମାର ଶତପଥୀ, ସମ୍ପାଦକ ସୋମନାଥ ସାହୁ, ମୁଖ୍ୟ ଅତିଥି ଭାବେ ରାଧେଶ୍ୟାମ ଫାଉଣ୍ଡେସନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦେବାଶିଷ ମିଶ୍ର, ସମ୍ମାନିତ ଅତିଥିଭାବେ ଭାବେ ସ୍ୱାଭିମାନ ସ୍ୱେଚ୍ଛାସେବୀ ସଂଗଠନର ସଭାପତି ପ୍ରଶାନ୍ତ କୁମାର ମହାରଣା ମଞ୍ଚାସିନ ହୋଇଥିଲେ । ଅଧିକରୁ ଅଧିକ ଯୁବ ପିଢ଼ି ଓଡ଼ିଆ ସାହିତ୍ୟ ପ୍ରତି ଅନୁରାଗ ହୋଇ ସାହିତ୍ୟର ବିକାଶ ଦିଗରେ ବ୍ରତୀ ହେବାର ଲକ୍ଷ୍ୟ ଦିଗରେ କବି ଓ କବୟିତ୍ରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମଞ୍ଚାସୀନ ଅତିଥି ମାନେ କହିଥିଲେ । ସମ୍ପାଦକ ସୋମନାଥ ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମରେ ଶୈଳବାଳା ପାଣିଗ୍ରାହୀ, ବିନୋଦିନୀ ନାୟକ, ଗାୟତ୍ରୀ ମହାନ୍ତି ରଥ, ବଳରାମ ପାଲେଇ, ଶରତ ଚନ୍ଦ୍ର ମହାପାତ୍ର, ସନ୍ତୋଷ କୁମାର ସାହୁ, ଉମାକାନ୍ତ ବେହେରା, ଯତିରାଜ ନାୟକ, ବିଜୟ ରାଉଳ, ଜି. ପାପା ରାଓ, ଅଶ୍ୱିନୀ ଚୌଧୁରୀ, ଦୁର୍ଗା ପାଲେଇ, ଏ. ବିଶ୍ୱମ୍ଭର, ଚିତ୍ତରଞ୍ଜନ ପଣ୍ଡା, ନିରଞ୍ଜନ ବେହେରାଙ୍କ ସମେତ ଅନେକ ସାହିତ୍ୟ ପ୍ରେମୀ ଯୋଗ ଦେଇ ସ୍ୱରଚିତ କବିତା ପଠନ କରିଥିଲେ । ବିନୋଦିନୀ ନାୟକ କବିତା ସଂଯୋଜନା ଏବଂ କବି ବିଜୟ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ୍ଦ ହୋଇଯିବ କି ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ସ୍କୁଲ ଓ କଲେଜ






● ନାହାନ୍ତି ସ୍ଥାୟୀ ପ୍ରଧାନ ଶିକ୍ଷକ ଓ ଅଧ୍ୟକ୍ଷ, ହାତଗଣତି ଶିକ୍ଷକଙ୍କୁ ନେଇ ଚାଲିଛି ଶିକ୍ଷାନୁଷ୍ଠାନ
● ବିଶ୍ୱବିଦ୍ୟାଳୟର ଅଧ୍ୟାପକଙ୍କୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅତିରିକ୍ତ ଅଧ୍ୟକ୍ଷ ଦାୟିତ୍ୱ

ବ୍ରହ୍ମପୁର,୧୮ ।୧(ସମିସ): ମୁଣ୍ଡ ଉପରେ ଉଭୟ ଦଶମ ଓ ଯୁକ୍ତ ଦୁଇ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପରୀକ୍ଷା । ଏଭଳି ସ୍ଥିତିରେ ପିଲାଙ୍କୁ ପାଠ ପଢାଇବାକୁ ନାହାନ୍ତି ଶିକ୍ଷକ ଓ ଅଧ୍ୟାପକ । ଯାହାକୁ ନେଇ ଚିନ୍ତାରେ ଉଭୟ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ । ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ୟୁନିଭର୍ସିଟି ହାୟର ସେକେଣ୍ଡାରୀ ସ୍କୁଲ କ୍ୟାମ୍ପସରେ ରହିଛି ଉଭୟ ଶିକ୍ଷାନୁଷ୍ଠାନ । ନବମ ଓ ଦଶମ ଦୁଇଟି ଶ୍ରେଣୀକୁ ନେଇ ଉଚ୍ଚ ବିଦ୍ୟାଳୟ ଓ ଯୁକ୍ତଦୁଇ ଶ୍ରେଣୀକୁ ନେଇ ଚାଲିଛି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ । ଅବଶ୍ୟ ଉଚ୍ଚ ବିଦ୍ୟାଳୟକୁ ଗତ ସରକାର ଅମଳରେ '୫-ଟି' ଜରିଆରେ ପ୍ରାୟ ୪୧ଲକ୍ଷ ଟଙ୍କାର ଅନୁଦାନ ମିଳିଥିଲା । ଏହି ଟଙ୍କାରେ ବିଦ୍ୟାଳୟରେ ନୂତନ କୋଠା ଓ ଖେଳ ପଡିଆ ସହିତ ଆଦର୍ଶ ବିଜ୍ଞାନ ଲାବ, ଇ-ଲାଇବ୍ରେରୀ, ସ୍ମାର୍ଟ କ୍ଲାସରୁମ, ଶୌଚାଳୟ ଭଳି ବିଭିନ୍ନ ଭିତ୍ତିଭୂମିର ବିକାଶ କରାଯାଇଛି । ତେବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବା ଯୁକ୍ତ ଦୁଇ ଶ୍ରେଣୀ ଶିକ୍ଷାନୁଷ୍ଠାନ ଯଦିଓ ଗୋଟିଏ କ୍ୟାମ୍ପସ ଭିତରେ ରହିଛି ହେଲେ ତାହାର ରକ୍ଷଣାବେକ୍ଷଣ ଅଭାବ ଓ ଅନୁଦାନ ନଥିବାରୁ ଜରାଜୀର୍ଣ୍ଣ ଓ ବିପଦସଂକୁଳ ଅବସ୍ଥାରେ ରହିଛି କୋଠା ଓ ଶ୍ରେଣୀ ଗୃହ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ନଥିବା ବେଳେ ବିଶ୍ୱବିଦ୍ୟାଳୟର ରସାୟନବିଜ୍ଞାନ ବିଭାଗର ଅଧ୍ୟାପକଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଉଭୟ ବିଭାଗ ଅର୍ଥାତ୍ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସରକାରଙ୍କ ଦୁଇଟି ବିଭାଗ ଯଥା ଗଣଶିକ୍ଷା ଓ ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ । ତେବେ ଏହି ଦୁଇ ଶିକ୍ଷାନୁଷ୍ଠାନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।

୧୯୭୮ ମସିହାରୁ ପ୍ରତିଷ୍ଠା ହୋଇଥିବା ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ୭୫ ଓ ଦଶମ ଶ୍ରେଣୀରେ ୬୪ଜଣ ଏହିଭଳି ମୋଟ ୧୩୯ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ମୋଟ ୮ଜଣ ଶିକ୍ଷକଙ୍କ ସ୍ଥାନରେ ବର୍ତ୍ତମାନ ଅଛନ୍ତି କେବଳ ୪ଜଣ । ସେଥିମଧ୍ୟରୁ ବିଜ୍ଞାନ ଶିକ୍ଷୟିତ୍ରୀ ଚଳିତ ମାସ ୩୧ରେ ଅବସର ଗ୍ରହଣ କରିବେ । ଫଳରେ ବିଦ୍ୟାଳୟରେ ମୋଟ ୩ଜଣ ଶିକ୍ଷକ ରହିବେ । ସେମାନଙ୍କ ମଧ୍ୟରେ ଜଣେ ସଂସ୍କୃତ, ଜଣେ କଳା ଓ ଅନ୍ୟଜଣେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ । ପ୍ରଧାନ ଶିକ୍ଷକ ପଦବୀ ୨୦୨୨ରୁ ଖାଲି ପଡିଥିବା ବେଳେ ୨୦୧୩ରୁ କ୍ରୀଡା ଶିକ୍ଷକ, ୨୦୧୫ରୁ ହିନ୍ଦୀ, ୨୦୨୧ରୁ କଳା ଶିକ୍ଷକ ନାହାନ୍ତି । ଚଳିତ ମାସରୁ ଏହି ତାଲିକାରେ ଯୋଡ଼ି ହେବ ବିଜ୍ଞାନ ଶିକ୍ଷକ । ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ବିଜ୍ଞାନ ଓ ଗଣିତ ସମେତ ଇଂରାଜୀ ଆଦି ଭଳି ବିଷୟରେ ଶିକ୍ଷକ ନଥିବାରୁ ଛାତ୍ରଛାତ୍ରୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଏଭଳି ପରିସ୍ଥିତିରେ ଉଚ୍ଚ ବିଦ୍ୟାଳୟ ପାଇଁ ବର୍ଷକ ୩ମାସ ସାହା ଭରସା ହେଉଛନ୍ତି ବିଶ୍ୱବିଦ୍ୟାଳୟର ବିଇଡି ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ । ତାଲିମ ଦେବାକୁ ଆସି ସେମାନେ ପିଲାଙ୍କୁ ପାଠ ପଢାଉଥିବା ଜଣାପଡ଼ିଛି । ଏଭଳି ସ୍ଥିତିରେ ଉଭୟ ଶିକ୍ଷାନୁଷ୍ଠାନକୁ ସରକାର ନିଜ ଅଧିନକୁ ନେଇଗଲେ ସମସ୍ତ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଛି । ସେପଟେ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଉଭୟ ଶିକ୍ଷାନୁଷ୍ଠାନର ଏଭଳି ଦୟନୀୟ ସ୍ଥିତି ସମ୍ପର୍କରେ ଯେ କର୍ତ୍ତୃପକ୍ଷ ଅବଗତ ନୁହଁନ୍ତି ସେକଥା ମଧ୍ୟ ନୁହଁ । ସମସ୍ୟା ସମ୍ପର୍କରେ ଅବଗତ ହୋଇ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗକୁ ବାରମ୍ବାର ଚିଠି ଲେଖାଯାଇଛି । ହେଲେ କୌଣସି ଫଳ ମିଳିନଥିବା ଜଣାପଡିଛି । ରାଜ୍ୟ ସରକାର ଚାହିଁଲେ ଷ୍ଟାଫ ସିଲେକ୍ସନ ମାଧ୍ୟମରେ କର୍ମଚାରୀଙ୍କୁ ଦେଇ ଉଭୟ ଶିକ୍ଷାନୁଷ୍ଠାନକୁ ଦୟନୀୟ ପରିସ୍ଥିତିରୁ ମୁକୁଳାଇପାରନ୍ତେ । ଏନେଇ ବିଶ୍ୱବିଦ୍ୟାଳୟର କୁଳସଚିବ ସଚ୍ଚିଦାନନ୍ଦ ନାୟକଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି, ବର୍ତ୍ତମାନ ପରିସ୍ଥିତିରେ ନୂତନ ନିଯୁକ୍ତି ନେଇ କୌଣସି ପ୍ରସ୍ତାବ ନାହିଁ । ତେବେ ପିଲାଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଉଚ୍ଚ ବିଦ୍ୟାଳୟରେ ଡେପୁଟେସନରେ କିଛି ଶିକ୍ଷକଙ୍କୁ ନିୟୋଜିତ କରିବାକୁ ଯୋଜନା ରହିଥିବା ସେ କହିଛନ୍ତି ।

ଚତୁର୍ଥ ଶ୍ରାଦ୍ଧବାର୍ଷିକ



ସର୍ଗତ-ଅର୍ଜୁନ ପୃଷ୍ଟି
ଭୁଷଣ୍ଡପୁର,ଖୋର୍ଦ୍ଧା
ଆବିର୍ଭାବ-୦୮.୦୭.୧୯୩୩
ତିରୋଧାନ-୧୯.୦୧.୨୦୨୨
ଆପଣଙ୍କ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତ ଯନ୍ତ୍ରଣା ଦାୟକ ।ବାପା ଆପଣଙ୍କ ସ୍ନେହ,ଶ୍ରଦ୍ଧା,ଧର୍ମ,କର୍ମ,ସେବା ଓ କର୍ତ୍ତବ୍ୟନିଷ୍ଠା ସର୍ବଦା ମନେରହିଥିବ ।ସ୍ୱର୍ଗତ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା ।
ଶୋକାକୁଳ

## ଆରମ୍ଭ ହେଲା ଗଜପତି ଉତ୍ସବ

# ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ କମ୍ପିଲା ଷ୍ଟାଡିୟମ୍





ପାରଳାଖେମୁଣ୍ଡି, ୧୮ ।୧(ସମିସ)

କଳା, ସଂସ୍କୃତି, ଐତିହ୍ୟ ଓ ସମୃଦ୍ଧ ପରମ୍ପରାର ମହାକୁମ୍ଭ ଜିଲ୍ଲାସ୍ତରୀୟ ଗଜପତି ଉତ୍ସବ ଓ ପଲ୍ଲିଶ୍ରୀ ମେଳା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମରେ ରବିବାର ଆରମ୍ଭ ହୋଇଛି। ପ୍ରଥମ ସନ୍ଧ୍ୟାରେ ଝଲସି ଉଠିଥିଲା ଗଜପତି ଷ୍ଟାଡିୟମ। ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ ମଞ୍ଚାସୀନ ଥିଲେ।

ଅତିଥିମାନେ ଜିଲ୍ଲାର ଐତିହ୍ୟ, ପରମ୍ପରା, ସଂସ୍କୃତି ଆଦି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଭା ଶେଷରେ ରାଜ୍ୟ ତଥା ରାଜ୍ୟ ବାହାର ଏବଂ ଜିଲ୍ଲାର କଳାକାରଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟଗୀତ ପରିବେଷଣ ହୋଇଥିଲା। ପଦାମୃତ ନୃତ୍ୟାୟନ ପକ୍ଷରୁ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରର ପ୍ରସିଦ୍ଧ ଡାଲଖାଇ ନୃତ୍ୟ, ହାଇଦ୍ରାବାଦର କଳାଭୂମୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ କଥକ, ପଲ୍ଲବୀ-ମୟୁରଭଞ୍ଜ ଅନୁଷ୍ଠାନ ପକ୍ଷରୁ ମାଲଖମ୍ବ ଡ୍ୟାନ୍ସ, କାଶ୍ମୀର ଦଳ ଦ୍ୱାରା ଲୋକନୃତ୍ୟ ସହ ଷ୍ଟାର ନାଇଟ୍‌ରେ ଆଜିର ବିଶେଷ ଆକର୍ଷଣ ଥିଲେ ବିଶିଷ୍ଟ ସମ୍ବଲପୁରୀ ଓ ଓଡ଼ିଆ ଗାୟକ ମଣ୍ଟୁ ଛୁରିଆ। ମଣ୍ଟୁଙ୍କ ଗୀତରେ ତାଳେ ତାଳେ ଝୁମିଥିଲେ ଦର୍ଶକ। ନୃତ୍ୟଗୀତ ଉପସ୍ଥିତ ହଜାର ହଜାର ଦର୍ଶକଙ୍କ ମନ ମୋହିଥିଲା। ଶୀତ କାକରରେ ମଧ୍ୟ ଶ୍ରୋତାଗଣ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ବିଶେଷ କରି ଗ୍ରୁପ ଡ୍ୟାନ୍ସ ତଥା ଲୋକ ନୃତ୍ୟ ଗୁଡିକ ବେଶ ଆକର୍ଷଣୀୟ ହୋଇଥିଲା। ସେହିପରି ପଲ୍ଲିଶ୍ରୀ ମେଳା ନିମନ୍ତେ ଖୋଲାଯାଇଥିବା ବିଭିନ୍ନ ଷ୍ଟଲରେ କ୍ରୟ ତଥା ଦେଖିବା ନିମନ୍ତେ ପ୍ରବଳ ଭିଡ ଜମିଥିଲା।

## ଆସିଲେନି ମୁଖ୍ୟଅତିଥି; ସଜା ହେଲାନି ରାଜନଅର



ମାତ୍ର ଯାହା ପାଇଁ ଏ ଆୟୋଜନ ତାଙ୍କୁ ଅଣଦେଖା କରାଯାଇଥିବା ଦେଖିବାକୁ ମିଳିଥିଲା। ନବ ଉତ୍କଳର ନିର୍ମାତା ତଥା ଯାହାଙ୍କ ନାମରେ ଆଜି ଗଜପତି ଉତ୍ସବ ହେଉଛି ତାଙ୍କର ରାଜପ୍ରାସାଦ ତଥା ରାଜନହରରେ କୌଣସି ଆଲୋକୀକରଣ କରାଯାଇନଥିବା ଯୋଗୁଁ କ୍ଷୋଭ ପ୍ରକାଶ ପାଇଛି। ପୂର୍ବବର୍ଷ ମାନଙ୍କରେ ରାଜପ୍ରାସାଦର ସମ୍ମୁଖ ଭାଗକୁ ଆଲୋକୀକରଣ କରାଯାଉଥିଲା। ଚଳିତବର୍ଷ ଏପରି ବ୍ୟତିକ୍ରମକୁ ନେଇ ସାଧାରଣରେ ଆଲୋଚନା ଜୋର୍ ଧରିଛି। ଆଜି ପ୍ରଥମ ଦିବସରେ ମୁଖ୍ୟଅତିଥି ଭାବେ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଉଦଘାଟନ କରିବାର ଥିଲା। କିନ୍ତୁ ସେ ଆସି ନଥିଲେ। ଯାହାକୁ ନେଇ ନାନା ଚର୍ଚ୍ଚା ହେଉଛି। କେହି କେହି ଜିଲ୍ଲାରେ ଧାନମଣ୍ଡିରେ ଧାନକ୍ରୟ ପରିଚାଳନାରେ ବ୍ୟାପକ ତ୍ରୁଟି ଯୋଗୁଁ ଆସି ନଥିବା ଆଲୋଚନା କରୁଥିବା ବେଳେ ଆଉ କେହି କେହି ତାଙ୍କ ବିନା ଅନୁମତିରେ କିମ୍ବା ବିନା ସମ୍ମତିରେ ନାମ ନିମନ୍ତ୍ରଣପତ୍ରରେ ଉଲ୍ଲେଖ କରାଯାଇଥିବା ଚର୍ଚ୍ଚା ହେଉଛି। ମନ୍ତ୍ରୀଙ୍କ ସ୍ଥାନରେ ପାରଳାଖେମୁଣ୍ଡି ବିଧାୟକ ଆଜି ପ୍ରଥମ ଦିବସର ଗଜପତି ଉତ୍ସବକୁ ଉଦ୍‌ଘାଟନ କରିଥିଲେ।

## କଣ୍ଟେଇକୋଳି ନାଳରେ ସ୍ଲୁଇସ୍ କମ୍ ୱିଅର୍ ପ୍ରକଳ୍ପର ଶିଳାନ୍ୟାସ

ଦିଗପହଣ୍ଡି, ୧୮ ।୧(ସମିସ): ଦିଗପହଣ୍ଡି ବ୍ଲକ ନିମଖଣ୍ଡିପେଣ୍ଟ ପଞ୍ଚାୟତ ପନାଡ ଗ୍ରାମ ନିକଟସ୍ଥ କଣ୍ଟେଇକୋଳି ନାଳରେ ୧.୧୫ କୋଟି ବ୍ୟୟ ଅଟକଳରେ ଚାଷୀଙ୍କ ଜମିକୁ ଜଳସେଚନ ଓ ବନ୍ୟାଜଳ ନିଷ୍କାସନ ନିମନ୍ତେ ରାଜ୍ୟ ଜଳସମ୍ପଦ ବିଭାଗ ଅଧିନସ୍ଥ ବ୍ରହ୍ମପୁର ଜଳ ନିକାସ ବିଭାଜନ (ଡ୍ରେନେଜ) ଡିଭିଜନ କାର୍ଯ୍ୟାଳୟ ପକ୍ଷରୁ ସ୍ଲୁଇସ କମ୍ ୱିଅର୍ ପ୍ରକଳ୍ପ ଶୁକ୍ରବାର ଶିଳାନ୍ୟାସ କରାଯାଇଛି। ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଦିଗପହଣ୍ଡି ଜଳ ନିକାସ(ଡ୍ରେନେଜ୍) ଉପଖଣ୍ଡ କାର୍ଯ୍ୟାଳୟ ସହକାରୀ ଯନ୍ତ୍ରୀ ଇଂ. ଭଗବାନ ରଥ, ସହକାରୀ ଯନ୍ତ୍ରୀ ଇଂ. ତାପସ ବେହେରା, ଜିଲା ପରିଷଦ ସଦସ୍ୟ ରାଧାକାନ୍ତ ମହାଙ୍କୁଡ, ସରପଞ୍ଚ ସସ୍ମିତା ରାଣୀ ଗୌଡ଼, ସମିତି ସଭ୍ୟ ବି. ଲଡ୍ଡୁ, ଠିକାଦାର ଆକାଶ ପାଣିଗ୍ରାହୀ, ଅଶୋକ କୁମାର ସ୍ୱାଇଁ, ସାମାଜିକ କର୍ମୀ ରଞ୍ଜନ କୁମାର ପାଣିଗ୍ରାହୀ, କେ. ନରସିଂହ ପାତ୍ର, ସୁଦାମ ବେହେରା, ଟୁକୁନା ସାହୁ, ବିକ୍ରମ ମିଶ୍ର, ୱାର୍ଡସଭ୍ୟ ସବିତା ନାୟକ, ସୁନିତା ଗୌଡ଼, ନର୍ମଦା ପଣ୍ଡାଙ୍କ ସମେତ ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ। ସେହିପରି ଦିଗପହଣ୍ଡି ୩ ନଂ ୱାର୍ଡ ପିଏଚଡି ଅଫିସ ନିକଟରେ ୭୫ ଲକ୍ଷ ବ୍ୟୟ ଅଟକଳରେ ହାଟପଦା ନାଳର ଉନ୍ନତିକରଣ ନିମନ୍ତେ ବିଧାୟକ ଶିଳାନ୍ୟାସ କରିଛନ୍ତି।

## ଆରୋଗ୍ୟ ନିକେତନ ସ୍ୱାସ୍ଥ୍ୟସେବା କେନ୍ଦ୍ର ଉଦ୍‌ଘାଟିତ

ଜଗନ୍ନାଥପ୍ରସାଦ, ୧୮ ।୧(ସମିସ): ଜଗନ୍ନାଥପ୍ରସାଦ ଅଞ୍ଚଳବାସୀଙ୍କୁ ଉନ୍ନତ ମାନର ସ୍ୱାସ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ଡାକ୍ତର ଅରୁଣ କୁମାର ପାତ୍ରଙ୍କ ପ୍ରଚେଷ୍ଟାରେ ଜଗନ୍ନାଥପ୍ରସାଦ ମୁଖ୍ୟ ରାସ୍ତାରେ ଆରୋଗ୍ୟ ନିକେତନ ନାମରେ ଏକ ସ୍ୱାସ୍ଥ୍ୟସେବା କେନ୍ଦ୍ର ଖୋଲିଛି। ଏହାକୁ ସ୍ଥାନୀୟ ବିଡିଓ ମନ୍ମଥ ନାଥ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ଡାକ୍ତର ଅରୁଣ କୁମାର ପାତ୍ରଙ୍କ ସହିତ ଭାରତ ଗ୍ୟାସ ପ୍ରୋପାଇଟର ରାଜୀବ ଲୋଚନ ପାତ୍ର, ଯୁବ ଆଇନଜୀବୀ ପ୍ରଶାନ୍ତ କୁମାର ପାତ୍ର, ଆମ୍ବ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସମେତ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ବେଗୁନିଆପଡ଼ାରେ ବିଶାଳ ହିନ୍ଦୁ ସମ୍ମିଳନୀ

କୋଦଳା, ୧୮ ।୧(ସମିସ): ବେଗୁନିଆପଡ଼ା ସ୍ଥିତ ବାପୁଜୀ ଷ୍ଟାଡିୟମରେ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୧୦୮ ହନୁମାନ ଚାଳିଶା ପଠନ ସହ ହିନ୍ଦୁ ମାନେ ଜାଗ୍ରତ ହୁଅ, ସଂଗଠିତ ହୁଏ, ଏକ ହୁଅ ବୋଲି ଆହ୍ୱାନ ଦିଆଯାଇଛି। ହିନ୍ଦୁମାନଙ୍କୁ ଏକାଠି କରି ଭାରତୀୟ ସଂସ୍କୃତି ଓ ପରମ୍ପରାର ପ୍ରଚାର କରିବା ଉଦ୍ଦେଶ୍ୟରେ ବିଶାଳ ହିନ୍ଦୁ ସମ୍ମିଳନୀ ଆୟୋଜନ କରାଯାଇଥିବା ବେଳେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଭିନ୍ନ ପଦାଧିକାରୀ ଯୋଗ ଦେଇଥିଲେ। ସମାବେଶରେ ଉପସ୍ଥିତ ସାଧୁସନ୍ଥ ଧର୍ମ ଏବଂ ସଂସ୍କୃତିର ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ମହାମଣ୍ଡଳେଶ୍ୱର ସତ୍ୟାନନ୍ଦ ଗିରି, ସନ୍ଥଶ୍ରୀ ଦୀନବନ୍ଧୁ ଦାସ, ସୁଚିତ୍ରା ଦାସ, ସ୍ୱାମୀ କ୍ରିଷ୍ଣାନନ୍ଦ ଗିରି, ଶିବରାମ ଦାସ ମହାରାଜ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସମ୍ପର୍କ ପ୍ରମୁଖ ମୁଖ୍ୟବକ୍ତା ସୁନୀଲ କୁମାର ଗୌଡ଼ ପଞ୍ଚ ପରିବର୍ତ୍ତନ ବିଷୟ ଉପରେ ମତ ରଖିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା କାର୍ଯ୍ୟବାହ ସଞ୍ଜୟ କୁମାର ଦାଶ, ଜିଲ୍ଲା କାର୍ଯ୍ୟକର୍ତ୍ତା ନାରାୟଣ ପ୍ରଧାନ, ଗଣେଶ୍ୱର ମୁଦୁଲି, ଖଣ୍ଡ କାର୍ଯ୍ୟବାହ ସଞ୍ଜୀବ କୁମାର ପ୍ରଧାନଙ୍କ ସମେତ ସମସ୍ତ ଆର୍‌ଏସ୍‌ଏସ୍ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ବିଶାଳ ହିନ୍ଦୁ ସମ୍ମିଳନୀର ସଭାପତି ସୁନୀଲ ରଥ ଓ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

## ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ



ରମ୍ଭା, ୧୮ ।୧(ସମିସ): ରାମଗଡ଼ ପଞ୍ଚାୟତ ପାଲୁରଗଡ଼ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଶିକ୍ଷାବିତ ବିଜୟ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ସରପଞ୍ଚ ସନ୍ତୋଷିନୀ ବେହେରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ସମିତିସଭ୍ୟା ଗୀତାଞ୍ଜଳି ବେହେରା, ଶିକ୍ଷାବିତ ବାଳକୃଷ୍ଣ ମହାରଣା, ମୁଖ୍ୟବକ୍ତା ଡ଼. ଦ୍ୱାରିକାନାଥ ମହାରଣା, ହିନ୍ଦୀ ଶିକ୍ଷକ ଅଶୋକ କୁମାର ପଢ଼ିଆଳି, କବି କେଶବ ଯୁବକ ସଂଘର ସଭାପତି କୈଳାଶ ଚନ୍ଦ୍ର ପ୍ରଧାନ, ସମାଜସେବୀ ରଞ୍ଜନ ତରେଇ, ଦୀପକ ମୁଦୁଲି ପ୍ରମୁଖ ମଞ୍ଚାସିନ ରହିଥିଲେ। ସମ୍ପାଦକ ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ବେହେରା ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଜି. କ୍ରିଷ୍ଣା ଉପସ୍ଥାପନା କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଗୁରୁମା ବନିତା ରାଉତ, ଅନୀତା ଦାଶ, ସମିତା ଭୋଳ, ମାଉସୀ ରିଙ୍କି ମହାରଣାଙ୍କ ସମେତ ଅର୍ଜୁନ ଜେନା, କୈଳାଶ, ବାଉରୀ ତରେଇ, ଦିଲ୍ଲୀପ ପଲେଇ, ଗଣମାଧ୍ୟମ ପ୍ରତିନିଧି ନୀଳାଞ୍ଚଳ ସେନାପତି, ବନବାସୀ ସେଠୀ ସହଯୋଗ କରିଥିଲେ।

## ପିଏମ୍‌ଶ୍ରୀ ଗୋପବନ୍ଧୁ ହାଇସ୍କୁଲର ବାର୍ଷିକ ଉତ୍ସବ



ପୋଲସରା, ୧୮ ।୧(ସମିସ): ପୋଲସରା ସହର ସ୍ଥିତ ପିଏମ୍‌ଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବାର୍ଷିକ କ୍ରୀଡ଼ା ଉତ୍ସବକୁ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦଘାଟନ କରିଥିଲେ। ୨୦୨୫ ଦଶମ ଶ୍ରେଣୀ ଟପ୍ପର ଶ୍ୟାମପ୍ରକାଶ ସାହୁଙ୍କ ଅନ୍ୟାନ୍ୟ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ମନ୍ତ୍ରୀଙ୍କ ଓଏସଡି ପ୍ରତାପ ଚନ୍ଦ୍ର ପ୍ରଧାନ, ଏସଏମସି ସଭାପତି ରତ୍ନାକର ସାହୁ, ସମାଜସେବୀ ଜଗନ୍ନାଥ ବାଢେଇ, ଏମପି ପ୍ରତିନିଧି ସୀମାଞ୍ଚଳ ସାହୁ, ବିଜ୍ଞାନ ମହାବିଦ୍ୟାଳୟର ପ୍ରିନ୍ସପାଲ ଡଃ ଦିଲ୍ଲୀପ କୁମାର ନାୟକ, ବରିଷ୍ଠ ଶିକ୍ଷକ ପ୍ରଭାକର ପ୍ରଧାନ, ଆଲୁମିନ୍ ସଭାପତି ସୁରେନ୍ଦ୍ର ନାଥ ପାଢ଼ୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ର ଶେଖର ସାହୁ, ବିଧାୟକ ପ୍ରତିନିଧି କାମ୍ପ ବାଢେଇ, କାଉନସିଲର ଯଜ୍ଞ ନାରାୟଣ ସାହୁ ମଞ୍ଚାସିନ ହୋଇଥିଲେ। ମଞ୍ଚ ପରିଚାଳନା ବିଦ୍ୟାଳୟ ଶିକ୍ଷକ ଅମରେଶ ପଟ୍ଟନାୟକ କରିଥିବା ବେଳେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ରାଜନୀତି ବିଭାଗର ଜାତୀୟ ସମ୍ମିଳନୀ



ଆସିକା, ୧୮ ।୧(ସମିସ): ଆସିକା ବ୍ଲକ କେନ୍ଦୁପଦର ସ୍ଥିତ ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ରାଜନୀତି ବିଭାଗ ପକ୍ଷରୁ ଜାତୀୟ ସେମିନାରରେ ଆୟୋଜିତ ବିଷୟ ଶୀର୍ଷକ 'ଭାରତ ଏକ ଉଦୟ ମାନ ଶକ୍ତି ଆହ୍ୱାନ ଓ ସମ୍ଭାବନା' ଉପରେ ଆଲୋଚନା ହୋଇଥିଲ। ଅଧ୍ୟକ୍ଷ ଅମର ପ୍ରସାଦ ବିଷୋୟୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୂଳପତି ପ୍ରଫେସର ଜୟକୃଷ୍ଣ ବରାଳ ଓ ଜୟନ୍ତ କୁମାର ମହାପାତ୍ର, ଜବାହାର ନେହେରୁ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ଼. ବଂଶୀଧର ପ୍ରଧାନ, ପୂର୍ବତନ ରାଜନୀତି ବିଭାଗର ପ୍ରମୁଖ ପ୍ରଫେସର ବିଷ୍ଣୁଚରଣ ଚୌଧୁରୀଙ୍କ ଭଳି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ।

## ସାମ୍ବାଦିକଙ୍କ ମାତୃ ବିୟୋଗ



କୁକୁଡାଖଣ୍ଡି, ୧୮ ।୧(ସମିସ): କୁକୁଡାଖଣ୍ଡି ବ୍ଲକର ସାମ୍ବାଦିକ ଇଶ୍ୱର ସେଠୀଙ୍କ ମାତା ହେମ ସେଠୀଙ୍କ ଶନିବାର ରାତିରେ ୮୧ ବର୍ଷ ବୟସରେ ତାଙ୍କ ଜଗଦଳପୁର ବାସଭବନରେ ପରଲୋକ ଘଟିଛି। ଦୀର୍ଘଦିନ ଧରି ସେ ଶଯ୍ୟାଶାୟୀ ଥିଲେ। ହେମଙ୍କ ବଡ଼ ପୁଅ ଗୌର ସେଠୀ, ସାନ ପୁଅ ଇଶ୍ୱର ସେଠୀ, ବଡ ବୋହୂ ସାଇବାଣୀ, ସାନ ବୋହୁ ରୋଜି, ଦୁଇ ଝିଅ, ଜ୍ୱାଇଁ, ନାତି ନାତୁଣୀଙ୍କ ସମେତ ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଦିଗପହଣ୍ଡି ବିଜେଡି ବିଧାୟକ ପ୍ରାର୍ଥୀ ବିପ୍ଳବ ପାତ୍ର, ଆସିକା ସାମ୍ବାଦିକ ସରୋଜ ଦାସ, କୈଳାସ ରଣା, କେ. ମଣିବାବୁ ଏବଂ ବ୍ଲକର ସମସ୍ତ ସାମ୍ବାଦିକ ଶୋକ ପ୍ରକାଶ କରିଛନ୍ତି।

## ଯୁଗ୍ମ ସଚିବ ଡଃ ବାବୁଜି ସାମଲଙ୍କୁ ସମ୍ବର୍ଦ୍ଧନା



ବ୍ରହ୍ମପୁର, ୧୮।୧(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଯୁଗ୍ମସଚିବ ଡଃ ବାବୁଜି ସାମଲ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟ ଭାବେ ପୁଣିଥରେ ମନୋନୀତ ହୋଇଛନ୍ତିସ। ଏହି ସଫଳତା ପାଇଁ ତାଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ତରଫରୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ସଂଘର ସଭାପତି ଡଃ ମିହିର କୁମାର ତ୍ରିପାଠୀ, ସମ୍ପାଦକ ଇନ୍ଦ୍ର ପ୍ରସାଦ ବେହେରା, ମନୋଜ ଶତପଥୀ, ସତ୍ୟ ନାରାୟଣ ଶତପଥୀ, ପ୍ରଦୀପ ବେହେରା, ଏମ. ତାରିଣୀୟା ରେଡ୍ଡୀ, ଭୀମରାଜୁ ରେଡ୍ଡୀ, ଦେବୀ ପ୍ରସାଦ ବେହେରା, ଅଜିତ କୁମାର ବେହେରା, ମହେଶ ରଞ୍ଜନ ମିଶ୍ର, କାଳୁ ଚରଣ ଖାଡେଙ୍ଗା, ମାନସ ମଲ୍ଲିକ, ସାରିପା ପ୍ରଧାନ, ରବୀନ୍ଦ୍ର ଗୌଡ଼, ପ୍ରଣତି ଦେ ଓ କଳ୍ପନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଚାରୀଙ୍କ ସହିତ ସଦାସର୍ବଦା ରହି ଆସିଛନ୍ତି ଏବଂ ଆଗାମୀ ଦିନରେ ମଧ୍ୟ ସେମାନଙ୍କ ସମସ୍ୟାର ସମାଧାନ ଓ ସ୍ୱାର୍ଥ ହାସଲ ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି ଡଃ ବାବୁଜୀ ସାମଲ।

## ଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ଜୟନ୍ତୀ

ରମ୍ଭା/ଗଞ୍ଜାମ, ୧୮ ।୧(ସମିସ): ଗଞ୍ଜାମ ସତ୍‌ସଙ୍ଗ ମନ୍ଦିର ପକ୍ଷରୁ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ପୁଣ୍ୟ ୧୩୮ ତମ ଜନ୍ମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରେ ବେଦ ମାଙ୍ଗଳିକ ଓ ନହବତ, ଉଷା କୀର୍ତନ, ସମବେତ ବିନତୀ ପ୍ରାର୍ଥନା, ପରେ ଠାକୁର ପ୍ରତିମୂର୍ତ୍ତି ନେଇ ବିରାଟ ଶୋଭାଯାତ୍ରାରେ କୀର୍ତ୍ତନ କରି ନଗର ପରିକ୍ରମା ଗଞ୍ଜାମ ସହର ସମେତ ବିଭିନ୍ନ ସାହି ପରିକ୍ରମା ହୋଇଥିଲା। ଋତିକ ଉପେନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ଡ଼ଃ ବିଜୟ କୁମାର ସାହୁ ଯୋଗଦେଇ ଠାକୁରଙ୍କ ଭାବଧାର ଉପରେ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତା ଭାବେ ଭିକାରୀ ଚରଣ ପାତ୍ର ଯୋଗ ଦେଇଥିଲେ। ଠାକୁରଙ୍କ ଯାଜକ କର୍ମୀ ଇଂ. ଗଜେନ୍ଦ୍ର ତରାଇ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା ଅତିଥି ଭାବେ ଯୋଗଦେଇ ଠାକୁରଙ୍କ କୃପାଲାଭ କରିଥିଲେ। ଏହି ମହୋତ୍ସବରେ ଗଞ୍ଜାମ ବ୍ଲକ, ଛତ୍ରପୁରର ବିଭିନ୍ନ ଅଞ୍ଚଳରୁ ଗୁରୁ ଭାଇ, ମା ମାନେ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ସମାବେଶ ହୋଇଥିଲା। କାର୍ଯ୍ୟକ୍ରମକୁ ବାବୁ ମହାରଣା, ନିରାକାର ମହାରଣା, ଜ୍ୟୋତି, ଦିଲୀପ, ଭବାନୀ, ସାନୁ, ମାନସ, ରାମକୃଷ୍ଣ, ଗୁଡ୍ଡୁ, ଶୁଭମ, ପ୍ରକାଶ, ନୀଳାଞ୍ଚଳ, ହିମାଂଶୁ, ରବୀନ୍ଦ୍ର, ଦେବୀ ପ୍ରସାଦ, ସମେତ ବହୁ ଗୁରୁ ମା, ଭାଇ ମାନେ ପରିଚାଳନା କରିଥିଲେ।

## ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ

କବିସୂର୍ଯ୍ୟନଗର, ୧୮ ।୧(ସମିସ): କବିସୂର୍ଯ୍ୟନଗର ଏ. ବରିଡା ସ୍ଥିତ ପିଏମଶ୍ରୀ ଶ୍ରୀଦଧିବାମନ ନୋଡାଲ ହାଇସ୍କୁଲରେ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥି ମାନେ ଆୟୋଜିତ ହୋଇଥିବା ବିଭିନ୍ନ ଷ୍ଟଲ ବୁଲି ଦେଖିବା ସହ ପିଲାଙ୍କୁ ପ୍ରୋଜେକ୍ଟ ସମ୍ପର୍କରେ ପଚାରି ବୁଝିଥିଲେ। ଅଧ୍ୟକ୍ଷ ମହେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ବଳରାମ ପ୍ରଧାନ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧାପକ ପ୍ରସନ୍ନ କୁମାର ପ୍ରଧାନ, ଅନ୍ୟତମ ବକ୍ତା କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟାପକ ପ୍ରଦୀପ କୁମାର ମହାପାତ୍ର, ସମ୍ମାନିତ ଅତିଥି ଏବିଇଓ ମାଧବ ଚନ୍ଦ୍ର ମାଝୀ, ବିଆରସିସି ରବିନରାୟଣ ବେହେରା, ସିଆରସିସି ମିହିରକାନ୍ତ ସାହୁ, ସ୍କୁଲ ପରିଚାଳନା ସଭାପତି ନୀଳମାଧବ ପ୍ରଧାନ, ବିଦ୍ୟାଳୟ ଆଲୁମନି କମିଟି ଅଧ୍ୟକ୍ଷ ଏନ. ବିକ୍ରମ କୁମାର ପ୍ରଧାନ, ବରିଡ଼ା ସମିତିସଭ୍ୟା ପିପିନା ସାହୁ, ବରିଡା ସରପଞ୍ଚ ଗୀତାଞ୍ଜଳି ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସାଂସ୍କୃତିକ ବିଚିତ୍ରା ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଅଭିଭାବକଅଭିଭାବିକା, ଗ୍ରାମବାସୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଅପମାନର ପ୍ରତିଶୋଧ ନେବାକୁ ଉନ୍ମତ୍ତ କାଣ୍ଡ

# ଘରେ ପଶି ମା' ଓ ୨ ଝିଅଙ୍କୁ ହତ୍ୟା ଉଦ୍ୟମ; ଅଭିଯୁକ୍ତ ଗିରଫ

ଦିଗପହଣ୍ଡି, ୧୮ ।୧(ସମିସ)

ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ କାଣ୍ଡସର ଗ୍ରାମର କୁମାରୀ ସେଠୀ(୬୦) ଏବଂ ତାଙ୍କ ଦୁଇ ଅବିବାହିତ କନ୍ୟା ସବିତା ସେଠୀ(୩୫), ଝିଲି ସେଠୀ(୨୫)ଙ୍କୁ ନିକଟସ୍ଥ ସାନଡୁମ୍ବୁଲା ଗ୍ରାମର ବାଳକୃଷ୍ଣ ପାତ୍ର ଛୁରୀ ଭୂସି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଶନିବାର ରାତି ପ୍ରାୟ ସାଢ଼େ ୧୦ଟାରେ ସ୍ୱର୍ଗତ ପାଣ ସେଠୀଙ୍କ ସ୍ତ୍ରୀ କୁମାରୀ ତାଙ୍କ ଦୁଇ ଝିଅ ସହ ରାତ୍ରି ଭୋଜନ ସାରି ଶୋଇଥିବା ବେଳେ ଅଭିଯୁକ୍ତ ଜଣକ ତାଙ୍କ ଘର କବାଟ ବାଡ଼େଇ ଥିଲେ। କୁମାରୀ କବାଟ ଖୋଲିବା ପରେ ବାଳକୃଷ୍ଣ ଘର ଭିତରେ ପଶି ଅତର୍କିତ ଭାବେ ଏକ ଧାରୁଆ ଛୁରୀରେ ତାଙ୍କ ବେକକୁ କାଟି ଦେଇଥିଲେ। ଦୁଇ ଝିଅ ନିଦରୁ ଉଠି ମା'କୁ ଉଦ୍ଧାର କରିବା ବେଳେ ସେମାନଙ୍କ ବେକକୁ ମଧ୍ୟ ଛୁରୀରେ କାଟି ଚମ୍ପଟ ମାରିଥିଲେ। ମା' ଓ ୨ ଝିଅଙ୍କ ଚିତ୍କାର ଶୁଣି ପଡୋଶୀ ପହଞ୍ଚି ଉଦ୍ଧାର କରିଥିଲେ।

ଖବର ପାଇ ଦିଗପହଣ୍ଡି ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଆହାତଙ୍କୁ ଦିଗପହଣ୍ଡି ମେଡିକାଲ ନେଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଂକଟାପନ୍ନ ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ସବିତାଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବା ଜଣାପଡ଼ିଛି। ଏହି ସମ୍ବେଦନଶୀଳ ଘଟଣା ସମ୍ପୃକ୍ତ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣାରେ ବାଳକୃଷ୍ଣ ସମ୍ପୃକ୍ତ ଥିବା ସୂଚନା ମିଳିବା ପରେ ପୁଲିସ ଟିମ୍ ବିଳମ୍ବିତ ରାତିରେ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣି ପଚରାଉଚରା ଚଳାଇଛି। ଅଭିଯୁକ୍ତ ନିୟମିତ ବ୍ୟବଧାନରେ ରାତି ଅଧରେ କୁମାରୀଙ୍କ ଘରକୁ ଯାଇ କବାଟ ବାଡ଼େଇ ହଇରାଣ କରୁଥିଲେ।

କିଛିଦିନ ପୂର୍ବେ କୁମାରୀଙ୍କ ସାନ ଝିଅ ଝିଲି ଅଭିଯୁକ୍ତଙ୍କ ଘରକୁ ଯାଇ ଏହାର ପ୍ରତିବାଦ କରିବା ସହ ତାଙ୍କ ପରିବାର ଲୋକଙ୍କ ଆଗରେ ଗାଳିଗୁଲଜ କରିଥିଲା। ଏହି ଅପମାନର ପ୍ରତିଶୋଧ ନେବାକୁ ଶନିବାର ରାତିରେ ନିଶାସକ୍ତ ଭାବେ ସେ ଏପରି କାଣ୍ଡ ଘଟାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୁଲିସ ତାଙ୍କ ନିକଟରୁ ଘଟଣାରେ ବ୍ୟବହୃତ ରକ୍ତଲଗା ଛୁରୀ ଜବତ କରିଛି। ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ମାମଲା (ନଂ.୨୬/୨୬) ରୁଜୁକରି ତଦନ୍ତ ଚଳାଇଥିବାବେଳେ ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି କହିଛନ୍ତି।

## 'ବଡ଼ ମଣିଷ ନୁହଁ; ଭଲ ମଣିଷ ହୁଅ'



ଭଞ୍ଜନଗର, ୧୮ ।୧(ସମିସ): ବଡ଼ ମଣିଷ ହେବା ଚକ୍କରରେ ନପଡ଼ି ନିଜ ସହ ଲଢ଼ି ଭଲ ମଣିଷଟିଏ ହୋଇ ସମାଜ ଗଠନରେ ସହାୟକ ହୋଇପାରିଲେ ଦୁର୍ଲଭ ଛାତ୍ର ଜୀବନ ଚରିତାର୍ଥ ହୋଇପାରିବ ବୋଲି ଗୋଳାପଡ଼ା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁକାନ୍ତ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଡକ୍ଟର ପ୍ରଦୀପ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଏସ୍‌ଏମସି ସଭାପତି ସୂର୍ଯ୍ୟମଣି ଦଳାଇ, ଦିଗମ୍ବର ପ୍ରଧାନ, ବରିଷ୍ଠ ସାମ୍ବାଦିକ ଲୋକନାଥ କର, ସୁବ୍ରତ କୁମାର ଆଚାର୍ଯ୍ୟ, ଲୋକନାଥ ପାଣି, ଟୁନା ସ୍ୱାଇଁ ଓ ଦେବୀ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟ ର ବାର୍ଷିକ ବିବରଣୀ ପାଠ କରିଥିଲେ। ଶଙ୍କର ପ୍ରଧାନଙ୍କ ସଂଯୋଜନା ରେ ଆୟୋଜିତ ଉତ୍ସବରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସମେତ ଅଣ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

